# ପୋସ୍କୋ ଜନଶୁଣାଣି- ରାଜ୍ୟ ସରକାରଙ୍କ ଦୋମୁହାଁ ଧନ୍ଦା

## ଜନଶୁଣାଣି ପୂର୍ବରୁ ପ୍ରଶାସନର ଧମକ

ପାଠକେ ଜାଣିଥିବେ, ଯେବେଠାରୁ ଜଟାଧାର ମୁହାଣରେ ପୋସ୍କୋ ପ୍ରସ୍ତାବିତ ଇସ୍ପାତ କାରଖାନା ଓ ସାମୁଦ୍ରିକ ବନ୍ଦର ପ୍ରତିଷ୍ଠା ହେବାର କଥା ଉଠିଲାଣି, ସେବେଠାରୁ ଏହି ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ଏବଂ ପ୍ରତ୍ୟକ୍ଷଭାବେ ପ୍ରଭାବିତ ହେଉଥିବା ଢିଙ୍କିଆ, ନୂଆଗାଁ ଓ ଗଡକୁଜଙ୍ଗ ପଞ୍ଚାୟତର ବେଶ୍‌ସଂଖ୍ୟକ ଗ୍ରାମବାସୀ ବିଭିନ୍ନ ଉପାୟରେ ଏହି ପ୍ରସ୍ତାବ ବିରୁଦ୍ଧରେ ଜୋରଦାର୍ ପ୍ରତିରୋଧ ଚଳାଇ ରଖି ଆସିଛନ୍ତି । ସ୍ଥାନୀୟ ଗ୍ରାମବାସୀମାନଙ୍କର ମୂଳ ଅଭିଯୋଗ ହେଲା, ସରକାର ଆମ ସହିତ ପ୍ରଥମେ ପରାମର୍ଶ ନକରି କିପରି ସିଧାସଳଖ ଦକ୍ଷିଣ କୋରିଆର ଏକ ଇସ୍ପାତ କମ୍ପାନୀ ସହ ଗତ ୨୨ ଜୁନ୍ ୨୦୦୫ରେ ଚୁକ୍ତିନାମା କଲେ ଏବଂ ତା'ପର ଠାରୁ ପ୍ରଶାସନକୁ ଲଗେଇ ଆମର ଘରଡିହ, ଜମିଜମା ତଥା ସର୍ବସାଧାରଣ ସମ୍ପତ୍ତିକୁ କଳେବଳେକଉଶଳେ ଆମଠାରୁ ଛଡେଇନେବାକୁ ଚେଷ୍ଟାକଲେ । ଏହା ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ରାଜ୍ୟ ସରକାରଙ୍କ ଏହି ମନମୁଖୀ, ଏକତରଫା ପୋସ୍କୋ-ପ୍ରୀତିରେ କ୍ଷୁବ୍ଧ ହୋଇ ସେଠିକାର ସାଧାରଣ ଲୋକେ ସେମାନଙ୍କ ଗାଁ ମୁଣ୍ଡରେ ଫାଟକ ବସେଇ କୌଣସି ସରକାରୀ ଅଫିସର୍‌ଙ୍କୁ ଗାଁ ଭିତରକୁ ପୂରାଇ ଦେବେନି ବୋଲି ଅଡି ବସିଛନ୍ତି । ଏବେ ଜଗତସିଂପୁର ଜିଲ୍ଲାପାଳ ସେହି ଆନ୍ଦୋଳନର ୫ଜଣ ମୁଖିଆ ବ୍ୟକ୍ତିଙ୍କ ପାଖକୁ ଏକ ଚରମପତ୍ର ଦେଇ କହିଛନ୍ତି ଯେ, ୭ଦିନ ଭିତରେ ଅର୍ଥାତ୍ ୫ ଏପ୍ରିଲ୍ ସୁଦ୍ଧା ଅବରୋଧକାରୀ ଫାଟକଗୁଡିକୁ ଅପସାରଣ ନ କରାଗଲେ ସେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ୍ୟ ହେବେ । କିନ୍ତୁ ଏଠାରେ ଏକ ମୌଳିକ ପ୍ରଶ୍ନ ଉଠୁଛି, ଯେତେବେଳେ କି କେନ୍ଦ୍ର ସରକାରଙ୍କ ପରାମର୍ଶ କ୍ରମେ ଆଗାମୀ ୧୫ ଏପ୍ରିଲ୍‌ରେ ପୋସ୍କୋ ପ୍ରକଳ୍ପସମୂହ ଉପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଏକ ପରିବେଶୀୟ ଜନଶୁଣାଣି ଆୟୋଜିତ ହେବାକୁ ଯାଉଛି, ଏବଂ ବିଶେଷକରି ଯେତେବେଳେ କି ସେହି ପ୍ରଭାବିତ ଅଞ୍ଚଳର ଲୋକେ ଏହି ଜନଶୁଣାଣିରେ ଯୋଗଦେଇ ନିଜନିଜର ସ୍ୱାଧୀନ ମତ ପ୍ରକାଶ କରିବା ପାଇଁ ବୋର୍ଡ ଦ୍ୱାରା ସ୍ୱତନ୍ତ୍ର ବିଜ୍ଞାପନ ମାଧ୍ୟମରେ ନିମନ୍ତ୍ରଣ କରାଯାଇଛି, ଠିକ୍ ସେତିକି ବେଳେ ଜଗତସିଂପୁର ଜିଲ୍ଲାପାଳଙ୍କ ଉପରୋକ୍ତ ଧମକାଣ ଅତ୍ୟନ୍ତ ଖାପ୍‌ଛଡା ଓ ମନମୁଖୀ ମନେ ହେଉ ନାହିଁ କି ?

## ସ୍ଥାନ-ଚୟନରେ ହଠକାରିତା

ଗତ ୧୫ମାର୍ଚ୍ଚରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତରଫରୁ କେତେକ ଖବରକାଗଜରେ ବାହାରିଥିବା ବିଜ୍ଞପ୍ତି ଅନୁଯାୟୀ ପୋସ୍କୋ ପ୍ରକଳ୍ପର ପରିବେଶୀୟ ପ୍ରଭାବ ଉପରେ ଏକ ଜନଶୁଣାଣି କୁଜଙ୍ଗ ବନବିହାରୀ ହାଇସ୍କୁଲ୍‌ଠାରେ ୧୫ ଏପ୍ରିଲ୍ ଦିନ ୧୦ଟାରେ ଅନୁଷ୍ଠିତ ହେବ । ପାଠକେ ଜାଣିଥିବେ, କୁଜଙ୍ଗ ହେଉଛି ପ୍ରକଳ୍ପ-ପ୍ରଭାବିତ ପଞ୍ଚାୟତଗୁଡିକଠାରୁ ୨୦-୨୫ କିଲୋମିଟର ଦୂରରେ ଅବସ୍ଥିତ; ଯାତାୟତ ପାଇଁ ବସ୍ ଚଳାଚଳର ବିଶେଷ ସୁବିଧା ନାହିଁ । ସ୍ଥାନୀୟ ଅଧିବାସୀମାନେ ବୃତ୍ତିରେ ମୂଳତଃ କୈବର୍ତ୍ତ, ଚାଷୀ, ପାନଚାଷୀ, ଦିନମଜୁରିଆ ବା ଛୋଟ ଦୋକାନୀ; ସେମାନେ ସେଦିନ କୁଜଙ୍ଗ ଯିବାକୁ ଚାହିଁଲେ ପୁରା ଗୋଟିଏ ଦିନ କମେଇ ହେବା ସହିତ ଯାତାୟତ ଓ ଖାଦ୍ୟପେୟ ବାବଦରେ ହାତରୁ ଅନ୍ୟୁନ ୫୦-୬୦ ଟଙ୍କା ଲେଖାଁ ଖର୍ଚ୍ଚ କରିବାକୁ ପଡିବ । ଏହି ପରିସ୍ଥିତିରେ ସ୍ଥାନୀୟ ଅଧିବାସୀଙ୍କ ଭିତରୁ ହୁଏତ୍ କେବଳ ସେଇ ମୁଷ୍ଟିମେୟ ବ୍ୟକ୍ତିମାନେ ଜନଶୁଣାଣିରେ ଭାଗନେଇପାରନ୍ତି, ଯେଉଁମାନଙ୍କର କିଛି ନ୍ୟସ୍ତସ୍ୱାର୍ଥ ବା ଉଦ୍‌ବୃତ୍ତ ସମ୍ବଳ ରହିଛି । ଏହି ସ୍ଥାନ-ଚୟନକୁ ଯିଏ, ଯେଉଁ ହିସାବରେ ସ୍ଥିର କରିଥାଆନ୍ତୁ ନା କାହିଁକି, ଏହି ଗୋଟିଏ କାରଣରୁ ହିଁ ଯେଉଁ ସାଧାରଣ ଲୋକଙ୍କ ପାଇଁ ଏହି ଜନଶୁଣାଣି ଉଦ୍ଦିଷ୍ଟ, ସେମାନେ ସେଥିରେ ଭାଗ ନେଇପାରିବେ ନାହିଁ । ଏହାଛଡା, ରାଜ୍ୟ ସରକାରଙ୍କ ଏହି ସ୍ଥାନ-ଚୟନ ନିଷ୍ପତ୍ତି ଭାରତ ସରକାରଙ୍କ ପରିବେଶୀୟ ପ୍ରଭାବ ସମୀକ୍ଷା ବିଜ୍ଞପ୍ତି-୧୪ ସେପ୍ଟେମ୍ବର ୨୦୦୬କୁ ଉଲ୍ଲଂଘନ କରୁଛି, ଯେଉଁଥିରେ ସ୍ପଷ୍ଟଭାବେ କୁହାଯାଇଛି ଯେ, "ଜନଶୁଣାଣି ପ୍ରକଳ୍ପ ସ୍ଥାନରେ ନଚେତ୍ ଏହାର ଏକ ସନ୍ନିକଟ ସ୍ଥାନରେ ଆୟୋଜିତ ହେବ ପ୍ରଭାବିତ ସ୍ଥାନୀୟ ଜନସାଧାରଣଙ୍କ ମତାମତକୁ ଜାଣବା ପାଇଁ" [ଦ୍ରଷ୍ଟବ୍ୟ- ବିଜ୍ଞପ୍ତିର ଧାରା ୭, ପର୍ଯ୍ୟାୟ-୩] । ପୁଣି ଏହି ବିଜ୍ଞପ୍ତିର ସଂଲଗ୍ନ ନଥିସଂଖ୍ୟା-୪(ଜନଶୁଣାଣି ଆୟୋଜନର ପ୍ରକ୍ରିୟା)ର ପ୍ରଥମ ଅନୁଚ୍ଛେଦରେ ଆହୁରି ସୁସ୍ପଷ୍ଟ ଭାବେ କୁହାଯାଇଛି ଯେ, "ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଜନଶୁଣାଣି ଏପରି ଶୃଙ୍ଖଳିତ, ସମୟବଦ୍ଧ ଓ ସ୍ୱଚ୍ଛ ପ୍ରକ୍ରିୟାରେ ଆୟୋଜିତ ହେବ, ଯାହା ଫଳରେ ପ୍ରକଳ୍ପ ସ୍ଥାନ ବା ଏହାର ଖୁବ୍ ଆଖପାଖରେ (**On project site or in its close proximity**) ଥିବା ସର୍ବସାଧାରଣଙ୍କ ଯଥାସମ୍ଭବ ସର୍ବାଧିକ ଭାଗିଦାରିତାକୁ ସୁନିଶ୍ଚିତ କରିହେବ" । ବର୍ତ୍ତମାନ ପ୍ରଶ୍ନ ଉଠୁଛି, ଗୋଟିଏ ପଟରେ ବୋର୍ଡ ତାଙ୍କର ଗତ ୧୫ ମାର୍ଚ୍ଚ ବିଜ୍ଞାପନରେ ଉପରୋକ୍ତ କେନ୍ଦ୍ରୀୟ ବିଜ୍ଞପ୍ତି ଦ୍ୱାରା ପରିଚାଳିତ ହେଉିଛନ୍ତି ବୋଲି କହିଥିବା ସ୍ଥଳେ ଅନ୍ୟପଟରେ ସ୍ଥାନ-ଚୟନ ସମ୍ବନ୍ଧରେ ଏହାର ମୌଳିକ ସର୍ତ୍ତକୁ ଉଲ୍ଲଂଘନ କଲେ କେମିତି ? ଖୋଦ୍ ସରକାରଙ୍କ ଏହି ବେଆଇନ୍ ଆଚରଣ ସ୍ଥାନୀୟ ଜନସାଧାରଣଙ୍କୁ ଅଧିକ ବିକ୍ଷୁବ୍ଧ ଓ ବିଦ୍ରୋହୀ କରିବା ପାଇଁ ଉସ୍‌କାନି ଦେଉ ନାହିଁକି ?

## ପ୍ରଶାସନର ଅସ୍ୱଚ୍ଛ ଆଚରଣ

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଉପରୋକ୍ତ ବିଜ୍ଞାପନରେ ପୁଣି କୁହାଯାଇଛି ଯେ, "ବୋର୍ଡ ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ୍ କରୁଛନ୍ତି" । ଏବଂ ସେହି ବିଜ୍ଞାପନରେ ପୁଣି କୁହାଯାଇଛି ଯେ, ପ୍ରସ୍ତାବିତ ପ୍ରକଳ୍ପ ସଂବନ୍ଧରେ ପୋସ୍କୋ ଦ୍ୱାରା ପ୍ରସ୍ତୁତ ହୋଇଥିବା ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର

ଉଭୟ ସଂପୂର୍ଣ୍ଣ ଏବଂ ସାରାଂଶ ଦଲିଲ୍ ନିର୍ଦ୍ଦିଷ୍ଟ ଅଫିସ୍ (ଯଥା- ଜଗତସିଂପୁର ଜିଲ୍ଲାପାଳ ଓ ଶିଳ୍ପକେନ୍ଦ୍ର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଭୁବନେଶ୍ୱର-ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ଓ କଟକସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ସଂପୃକ୍ତ ପଞ୍ଚାୟତ କାର୍ଯ୍ୟାଳୟ ଇତ୍ୟାଦି)ମାନଙ୍କରେ ମିଳିପାରିବ, ତଥା ବୋର୍ଡର ୱେବ୍‌ସାଇଟ୍‌ରେ (www.ospcboard.org) ମଧ୍ୟ ଉପଲବ୍ଧ ହେବ । କିନ୍ତୁ ଏହି ଲେଖକ ନିଜେ ପ୍ରକଳ୍ପ-ବିସ୍ଥାପିତ ପଞ୍ଚାୟତଗୁଡ଼ିକୁ ଯାଇ ବର୍ତ୍ତମାନ ଓ ପୂର୍ବବର୍ତ୍ତୀ ସମୟରେ ଥିବା ପଞ୍ଚାୟତ ନେତୃମଣ୍ଡଳୀ ସହ ଆଲଚନା କରି ଯାଣିଛି ଯେ, ଆଜିସୁଦ୍ଧା (୩ ଏପ୍ରିଲ୍ ଅର୍ଥାତ୍ ବିଜ୍ଞପ୍ତି ଘୋଷଣା ହେବାର ଦୀର୍ଘ ୧୮ଦିନ ପରେ) କୌଣସି ପଞ୍ଚାୟତକୁ ଏତାଦୃଶ କୌଣସି ଦଲିଲ୍ କି ଚିଠି ଆସିନାହିଁ, ବରଂ କେବଳ ଜିଲ୍ଲାପାଳଙ୍କ ଠାରୁ ଯେଉଁ ଗୋଟିଏ ଚିଠି ଆସିଛି, ତାହା ଅବରୋଧ ହଟାଇବା ବିଷୟରେ ଉଲ୍ଲିଖିତ ଚେତାବନୀ ପତ୍ର । ପୁଣି ବୋର୍ଡର ବିଜ୍ଞାପନ ଘୋଷଣା ହେବାର ପ୍ରାୟ ୧୦ଦିନ ପରେ ଜଣେ ସାଥୀ ଜଗତସିଂପୁର ଜିଲ୍ଲା ଶିଳ୍ପକେନ୍ଦ୍ରକୁ ଏହି ବିବରଣୀର ନକଲ ଆଣିବାକୁ ଯାଇଥିଲେ, କିନ୍ତୁ ସଂପୃକ୍ତ ଅଧିକାରୀ କହିଲେ ଯେ, ତାଙ୍କ ପାଖକୁ ଏ ବିଷୟରେ କେବଳ ଗୋଟିଏ ଦୁଇପୃଷ୍ଠିଆ ଚିଠି ଆସିଛି, ଆଉକିଛି ଆସିନି । ବର୍ତ୍ତମାନ ଦେଖିବା, ଖୋଦ୍ ଉଦ୍ୟୋକ୍ତା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏ ବ୍ୟାପାରରେ କ'ଣ କରିଛନ୍ତି ? ଆଜି ସୁଦ୍ଧା ତାଙ୍କ ୱେବ୍‌ସାଇଟ୍‌ରେ ପୋସ୍କୋ-ପ୍ରସ୍ତାବିତ ଇସ୍ପାତଶିଳ୍ପ ଓ ସାମୁଦ୍ରିକ ବନ୍ଦର ଉପରେ କେବଳ ଇଂରାଜୀ ଓ ଓଡିଆରେ ପ୍ରସ୍ତୁତ ସାରାଂଶମାନ ଅଛି, ପୂର୍ଣ୍ଣାଙ୍ଗ ବିବରଣୀ ନାହିଁ । ଏବଂ ଏହି ଲେଖକର ସୁନିର୍ଦ୍ଦିଷ୍ଟ ମତ ଯେ, ପୂର୍ଣ୍ଣାଙ୍ଗ ବିବରଣୀ ବଦଳରେ ସାରାଂଶ ପରିବେଷଣ କରିବାର ଅର୍ଥ ହେଲା, 'ବସ୍ତ୍ର ଅଭାବେ ସୂତ୍ରଂ ଦେହି', ଯଦ୍ୱାରା ଗୋଟିଏ ବିଭାଘର ହୁଏତ୍ ସମ୍ପନ୍ନ ହୋଇପାରେ, କିନ୍ତୁ ପୋସ୍କୋ ପ୍ରକଳ୍ପ ଉପରେ ସମୁଚିତ ବିଚାରଣା ନୁହେଁ । ସବାଶେଷରେ ଆମେ ଦେଖିବା, ଜଗତସିଂପୁର ଜିଲ୍ଲାପାଳ ଏ ବ୍ୟାପାରରେ କ'ଣ ସବୁ କରିଛନ୍ତି ? ପ୍ରଥମତଃ ସେ ନିଜେ ଏ ବିଷୟ ମୁଣ୍ଡକୁ ନନେଇ ଏ.ଡି.ଏମ୍.ଙ୍କୁ ଦାୟିତ୍ୱ ଦେଇଛନ୍ତି । ଏ.ଡି.ଏମ୍. ନିଜେ ବହୁତ ଦିନ ଦପ୍ତରରେ ନଥାନ୍ତି, ଏବଂ ତାଙ୍କ ବ୍ୟକ୍ତିଗତ ସହକାରୀ ଙ୍କୁ ଯୋଗାଯୋଗ କଲେ ସେ ସଂପୃକ୍ତ ବ୍ୟକ୍ତିଙ୍କୁ ସୂଚନା ଅଧିକାର ପ୍ରକୋଷ୍ଠକୁ ପଠେଇଦିଅନ୍ତି ଏବଂ ସେଠାରେ ଉପସ୍ଥିତ ଅଧିକାରୀ କୁହନ୍ତି ଯେ, ପ୍ରଥମେ ସୂଚନା ଅଧିକାର ନିୟମାବଳୀ ଅନୁଯାୟୀ ୧୦ ଟଙ୍କାର ଟ୍ରେଜେରି ଚାଲାଣ କରିଆସନ୍ତୁ, ତା'ପରେ ଫର୍ମ-'କ'ରେ ଦରଖାସ୍ତ କରି ଆମପାଖରେ ଦାଖଲ କରିଯାଆନ୍ତୁ; ୩୦ ଦିନ ଭିତରେ ଆମେ ଯେଉଁଦିନ ଆପଣଙ୍କୁ ଡାକିବୁ, ସେଦିନ ପୃଷ୍ଠାପିଛା ୨ଟଙ୍କା ହିସାବରେ ଆପଣ ଦାଖଲ କରି ପୋସ୍କୋ ପରିବେଶ ବିବରଣୀର ନକଲ ନେଇ ଯାଇପାରିବେ । ମନେହୁଏ, ଖୋଦ୍ ଜିଲ୍ଲାପାଳ ଏବଂ ଏ.ଡି.ଏମ୍. ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବିଜ୍ଞାପନ ପଢିନାହାନ୍ତି କି ଏହାର ଭାବାର୍ଥ ବୁଝିନାହାନ୍ତି । ସେମାନେ ଜାଣିବା ଦରକାର, ପୋସ୍କୋ ପ୍ରକଳ୍ପ ପାଇଁ ସରକାର ଚୁକ୍ତିବଦ୍ଧ ହୋଇଛନ୍ତି, ଏବଂ ପରିବେଶୀୟ ମଞ୍ଜୁରି ପାଇଁ ପରିବେଶୀୟ ପ୍ରଭାବ ଉପରେ ଲୋକଙ୍କ ମତାମତ ଆହ୍ୱାନ୍ କରିବା ହେଉଛି ଖୋଦ୍ ସରକାରଙ୍କର ଗରଜ ତଥା ପୋସ୍କୋ ପ୍ରକଳ୍ପ ନହେଲେ ଲୋକଙ୍କ ଚୁଲି ଅଜଳା ରହିବନି । ସୁତରାଂ ଓଡିଶା ସୂଚନା ଅଧିକାର ନିୟମାବଳୀର ବ୍ୟୟ ଓ ବିଳମ୍ବ ସାପେକ୍ଷ ପ୍ରକ୍ରିୟା ସହିତ ପୋସ୍କୋ ପରିବେଶ ପ୍ରଭାବ ବିବରଣୀର ପ୍ରସାରଣକୁ ଜବରଦସ୍ତ ଯୋଡିବା କଦାପି ଆଇନ୍‌ସମ୍ମତ ନୁହେଁ । ସୁତରାଂ ବୋର୍ଡ ହେଉ କିମ୍ବା ଜିଲ୍ଲାପାଳ ହୁଅନ୍ତୁ, ସେମାନଙ୍କ ଆଚରଣ ହିଁ ସେମାନଙ୍କ ଅସଲ ମତଲବ୍‌କୁ ପଦାରେ ପକାଇ ଦେଉଛି । ସେହି ମତଲବ୍‌ଟି ହେଲା, ଗୋଟିଏ ପଟରେ ଦେଖେଇହେବା ଯେ, ସେମାନେ ଆଇନ୍ ମୁତାବକ ରାଜଧାନୀରୁ ପଞ୍ଚାୟତ ପର୍ଯ୍ୟନ୍ତ ଲୋକମାନଙ୍କୁ ପୋସ୍କୋ ପରିବେଶ ପ୍ରଭାବ ବିବରଣୀ ସମ୍ବନ୍ଧରେ ବିଶଦ୍ ଭାବେ ଜଣେଇବାକୁ ତତ୍ପର ଅଛନ୍ତି, ଏବଂ ଅନ୍ୟପଟରେ ସେମାନେ ପ୍ରକୃତରେ ଚାହାଁନ୍ତିନି ଯେ, ଲୋକେ ଏବିଷୟରେ ଭଲଭାବେ ଜାଣନ୍ତୁ ଏବଂ ଜନଶୁଣାଣି ପ୍ରକ୍ରିୟାରେ ନିଜର ସ୍ୱାଧୀନ ଓ ନିର୍ଭୀକ ମତାମତ ପ୍ରଦାନ କରନ୍ତୁ ।

## ବର୍ତ୍ତମାନ କ'ଣ କରିବା ଉଚିତ୍ ?

ଆମେ ଲକ୍ଷ୍ୟ କଲେ ଯେ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସ୍ଥାନ-ଚୟନ ବ୍ୟାପାରରେ ଭାରତ ସରକାରଙ୍କ ପରିବେଶୀୟ ପ୍ରଭାବ ସମୀକ୍ଷା ବିଜ୍ଞପ୍ତି -୨୦୦୬କୁ ଉଲ୍ଲଂଘନ କରିସାରିଛନ୍ତି; ଜଗତସିଂପୁର ଜିଲ୍ଲାପାଳ ଜନଶୁଣାଣି ପ୍ରକ୍ରିୟା ଚାଲିଥିବା ବେଳେ ପ୍ରଭାବିତ ୩ ପଞ୍ଚାୟତରେ ପରିବେଶୀୟ ପ୍ରଭାବ ଅନୁଧ୍ୟାନ ରିପୋର୍ଟକୁ ପହଞ୍ଚାଇବା ପରିବର୍ତ୍ତେ ସେଠିକାର ନେତୃମଣ୍ଡଳୀକୁ ଧମକପୂର୍ଣ୍ଣ ଚିଠି ଦେଇଛନ୍ତି, ତଥା ଯେଉଁସବୁ ସରକାରୀ ପଦାଧିକାରୀମାନେ ଏହି ରିପୋର୍ଟର ପୂର୍ଣ୍ଣାଙ୍ଗ ଓ ସାରାଂଶ ବିବରଣୀକୁ ସର୍ବସାଧାରଣରେ ପ୍ରସାର କରିବା ପାଇଁ ଦାୟିତ୍ୱବଦ୍ଧ, ସେମାନେ କିପରି ତହିଁରେ ଅବହେଳା, ଏପରିକି ଓଲଟା ଆଚରଣ କରି ଚାଲିଛନ୍ତି । ପୋସ୍କୋ ଭଳି ଏକ ଆନ୍ତର୍ଜାତିକ ଇସ୍ପାତ କମ୍ପାନୀ, ଯେ କି ନିଜର ଜନ୍ମଭୂମି ଦକ୍ଷିଣ କୋରିଆ ସାଙ୍ଗକୁ ଚୀନ୍ ଓ ଭିଏତ୍‌ନାମରେ ନିଜର ଉଦ୍ୟୋଗ ପ୍ରତିଷ୍ଠା କରିସାରିଛି, ସେ ମଧ୍ୟ ଉପଲବ୍ଧି କରିବା ଉଚିତ୍ ଯେ, ବିପୁଳ ଅର୍ଥବ୍ୟୟରେ ବିଭିନ୍ନ ବିଶେଷଜ୍ଞ ସଂସ୍ଥା ଦ୍ୱାରା ତାଙ୍କ ପ୍ରକଳ୍ପ-ପ୍ରସ୍ତାବ ଉପରେ ପ୍ରସ୍ତୁତ କରାଯାଇଥିବା ରିପୋର୍ଟକୁ ସର୍ବସାଧାରଣ ଓ ବିଶେଷକରି ସଂପୃକ୍ତ ପଞ୍ଚାୟତଗୁଡ଼ିକରେ ପ୍ରସାରଣ କରିବାରେ ସଂପୃକ୍ତ ଦପ୍ତରମାନେ ଜଘନ୍ୟ ଅବହେଳା କରୁଛନ୍ତି ଓ ଜିଲ୍ଲାପ୍ରଶାସନ ଠିକ୍ ଏହି ସମୟରେ କିପରି ଜାଣିଶୁଣି ଜନଶୁଣାଣିର ବାତାବରଣକୁ ନଷ୍ଟ କରୁଛନ୍ତି । ସୁତରାଂ ଏହି ଲେଖକର ପରାମର୍ଶ ହେଲା-

୧) ଆଗାମୀ ୧୫ ଏପ୍ରିଲ୍‌ରେ କୁଜଙ୍ଗଠାରେ ଆହୂତ ହୋଇଥିବା ଜନଶୁଣାଣିକୁ ସ୍ଥଗିତ ରଖି, ପ୍ରକଳ୍ପ-ସ୍ଥଳ, ଅର୍ଥାତ୍ ସଂପୃକ୍ତ ୩ ପଞ୍ଚାୟତ (ଗଡକୁଜଙ୍ଗ, ନୂଆଗାଁ ଓ ଢିଙ୍କିଆ)ର ଏକ ମଧ୍ୟବର୍ତ୍ତୀ ସ୍ଥାନରେ ଆଉ ଏକ ତାରିଖରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଜନଶୁଣାଣି ଆୟୋଜନ କରାଯାଉ ।

୨) ପୋସ୍କୋ-ପ୍ରକଳ୍ପସମୂହ ଉପରେ ପ୍ରସ୍ତୁତ ହୋଇଥିବା ପରିବେଶୀୟ ପ୍ରଭାବ ସମୀକ୍ଷା ରିପୋର୍ଟର ଉଭୟ ସଂପୂର୍ଣ୍ଣ ଓ ସାରାଂଶ ଦଲିଲ୍‌କୁ ମୂଳ ଭାଷା ସହ ଓଡିଆ ଭାଷାରେ ସର୍ବସାଧାରଣଙ୍କ ପାଖରେ ସୁଗମ୍ୟ କରିବା ସହିତ ପ୍ରଭାବିତ ୩ ପଞ୍ଚାୟତର କାର୍ଯ୍ୟାଳୟମାନଙ୍କରେ ସ୍ଥାନୀୟ ବାସିନ୍ଦାଙ୍କ ଗୋଚାର୍ଥେ ଏବେଠାରୁ ମହଜୁଦ୍ ରଖାଯାଉ । ଏହାକୁ ସୁନିଶ୍ଚିତ କରିବା ହେଉଛି ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ କର୍ତ୍ତବ୍ୟ, ଯେ କି ପୋସ୍କୋ ସହିତ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି ।

**Chitta Behera, 4A, Jubilee Tower, Choudhury Bazar, Cuttack-9, Mob: 9437577546/ 9861091455, dt 3 April 2007**